# NATIONAL NEWS BULLETIN (ODIA)
## 2 July - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ସଂସଦର ଉଭୟ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ।

- ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କଲେ ବିଜେପି ସାଂସଦ ଅନୁରାଗ ସିଂ ଠାକୁର ।

- କେନ୍ଦ୍ରୀୟ ଲୋକସେବା ଆୟୋଗ ପରିଚାଳିତ ସିଭିଲ ସର୍ଭିସ୍-୨୦୨୪ର ପ୍ରାରମ୍ଭିକ ପରୀକ୍ଷାଫଳ ପ୍ରକାଶିତ ।

- ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏକୁ ମଜଭୁତ କରିବା ଲାଗି ବିଦ୍ୟାର୍ଥୀ ଏବଂ ଅଭିଭାବକଙ୍କଠାରୁ ମତ ଲୋଡିଲେ ସରକାର ।

ଏବଂ

- ୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳା ପାଇଁ ଜିମ୍ବାୱେ ଗସ୍ତ କରିବ ଭାରତୀୟ ଟିମ୍ ।

## ପାର୍ଲ୍ୟାମେଣ୍ଟ-ଡିସ୍‌କସନ

ସଂସଦର ଉଭୟ ଗୃହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଉପରେ ଗତକାଲି ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି । ବିଜେପି ସାଂସଦ ଅନୁରାଗ ସିଂ ଠାକୁର ଗତ ୧୦ବର୍ଷରେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ପ୍ରଶଂସା କରିଥିବାବେଳେ ଦେଶର ଅର୍ଥନୈତିକ ବିକାଶକୁ ପ୍ରାଧାନ୍ୟ ଦେଇଥିଲେ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ହୋଇଥିବା ଏବଂ ଦେଶ ପଞ୍ଚମ ବୃହତ୍ ଅର୍ଥନୀତିରେ ପହଞ୍ଚି ପାରିଥିବା କହିଥିଲେ । ଆଲୋଚନାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଟ୍ ପରୀକ୍ଷାରେ ଅନିୟମିତତାକୁ ମୁଖ୍ୟ ପ୍ରସଙ୍ଗ କରିଥିଲେ । କୃଷକମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଉନଥିବା ଶ୍ରୀ ଗାନ୍ଧୀ ଅଭିଯୋଗ କରିଥିଲେ । ଏହାର ଉତ୍ତରରେ କୃଷିମନ୍ତ୍ରୀ ଶିବରାଜସିଂହ ଚୌହ୍ୱାନ କହିଥିଲେ କୃଷକମାନଙ୍କୁ ସେମାନଙ୍କ ଦ୍ୱାରା ଉତ୍ପାଦିତ ଖାଦ୍ୟଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯାଉଛି । ଆଲୋଚନାରେ ଅଂଶଗ୍ରହଣ କରି ପଞ୍ଚାୟତିରାଜ ମନ୍ତ୍ରୀ ତଥା ଜେ.ଡି.ୟୁ ନେତା ରାଜୀବ ରଞ୍ଜନ ସିଂହ କଂଗ୍ରେସକୁ ସମାଲୋଚନା କରିଥିଲେ । ସେ କହିଥିଲେ ଆଗାମୀ ବର୍ଷ ଗୁଡ଼ିକରେ କେନ୍ଦ୍ର ସରକାର ଗରିବ ମାନଙ୍କ ଲାଗି ୩ କୋଟି ପକ୍କାଘର ନିର୍ମାଣ କରିବେ । ବିଜେପି ସାଂସଦ ବାଂଶୁରୀ ସ୍ୱରାଜ ମହିଳା ଏବଂ କୃଷକମାନଙ୍କ ସଶକ୍ତିକରଣକୁ

ପ୍ରାଧାନ୍ୟ ଦିଆଯାଉଥିବା କହିଥିଲେ । ସାଂସଦ ସମ୍ବିତ ପାତ୍ର ଗତ ୧୦ବର୍ଷରେ ଦେଶବାସୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ । ଲୋକସଭାର ଆଲୋଚନାରେ ତୃଣମୂଳ କଂଗ୍ରେସର ସାଂସଦ ମହୁଆ ମୈତ୍ରା, କଂଗ୍ରେସର ମନିଷ ତିଓ୍ୱାରୀ, ଶିବସେନାର ଡକ୍ଟର ଶ୍ରୀକାନ୍ତ ସିନ୍ଧେ, ଏଲ୍‌ଜେପି ରାମବିଳାସର ସମ୍ଭାବୀ, ଓ୍ୱାଇଏସ୍‌ଆର୍ କଂଗ୍ରେସର ତନୁଜା ରାଣୀ, କଂଗ୍ରେସର ଦୀପେନ୍ଦର ସିଂ ହୁଡା, ଆମ୍‌ଆଦ୍‌ମୀ ପାର୍ଟିର ଗୁରମିତ ସିଂହ ହାୟାର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ସେହିପରି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ହୋଇଥିଲା । ଏଥିରେ ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ସମେତ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜେ.ପି.ନଡ୍ଡା, ତୃଣମୂଳ କଂଗ୍ରେସ ସାଂସଦ ଜବାହର ସରକାର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ୟୁପିଏସ୍‌ସି ଏକ୍‌ଜାମ

କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁ.ପି.ଏସ୍.ସି ଦ୍ୱାରା ପରିଚାଳିତ ଚଳିତବର୍ଷର ସିଭିଲ ସର୍ଭିସ୍ ପ୍ରାରମ୍ଭିକ ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ କୃତୀତ୍ୱ ହାସଲ କରିଥିବା ପରୀକ୍ଷାର୍ଥୀମାନେ ଦ୍ୱିତୀୟ ପର୍ଯ୍ୟାୟ ମୁଖ୍ୟ ପରୀକ୍ଷା ଲାଗି ଆଉଥରେ ଆବେଦନ କରିବେ । ୟୁପିଏସ୍‌ସି ପକ୍ଷରୁ

ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ନିମନ୍ତେ ଖୁବ୍‌ଶୀଘ୍ର ତାରିଖ ଘୋଷଣା କରାଯିବ । ତେବେ ସିଭିଲ ସର୍ଭିସ୍ ପରୀକ୍ଷା ଏବଂ ଆଇ.ଏଫ୍.ଏସ୍ ପରୀକ୍ଷାର ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଓ ଅନ୍ତିମ ଫଳାଫଳ ଘୋଷଣା ହେବା ପରେ ସବୁ ପରୀକ୍ଷାର ଉତ୍ତର ଏବଂ କଟ୍-ଅଫ୍ ମାର୍କ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

## ରାହୁଲ-ବୈଷ୍ଣବ

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି । ଗତକାଲି ଲୋକସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଚାଲିଥିବାବେଳେ ଶ୍ରୀ ଗାନ୍ଧୀ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୋଧରେ ଦେଇଥିବା ମନ୍ତବ୍ୟକୁ ନେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଥିଲେ ଯେ, ଲୋକମାନେ ଏହି ମନ୍ତବ୍ୟ ଯୋଗୁଁ ବ୍ୟଥିତ ହୋଇଛନ୍ତି । ଗତ ସଂଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବୈଷ୍ଣବ କହିଥିଲେ ବିରୋଧୀଦଳ ନେତା ପଦ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ କିନ୍ତୁ ରାହୁଲ ଗାନ୍ଧୀ ବିରୋଧୀ ଦଳ ନେତା ହିସାବରେ ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି । ସେ କହିଥିଲେ କଂଗ୍ରେସ ସବୁବେଳେ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବା ଲାଗି ପ୍ରୟାସ କରୁଛି ।

## ଏନ୍‌ଟିଏ ସଜେସନ

ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏକୁ ମଜଭୁତ କରିବା ଲାଗି ସରକାର ବିଦ୍ୟାର୍ଥୀ ଏବଂ ଅଭିଭାବକମାନଙ୍କ ଠାରୁ ମତାମତ ଲୋଡିଛନ୍ତି ।

ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛି, ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ଠାରୁ ପରୀକ୍ଷା ପ୍ରକ୍ରିୟା, ଡାଟା ସୁରକ୍ଷା ଏବଂ ଏନ୍‌ଟିଏର କାର୍ଯ୍ୟପ୍ରଣାଳୀ ନେଇ ମତାମତ ଆହ୍ୱାନ କରିଛି । ଚଳିତମାସ ୭ ତାରିଖ ପର୍ଯ୍ୟନ୍ତ ଆଗ୍ରହୀ ବ୍ୟକ୍ତିବିଶେଷ ସେମାନଙ୍କ ମତାମତ ପଠାଇପାରିବେ ।

## ଶ୍ରୀଲଙ୍କା-ପର୍ଯ୍ୟଟକ

ଶ୍ରୀଲଙ୍କାରେ ପର୍ଯ୍ୟଟନ ପାଇଁ ଯାଇଥିବା ବିଦେଶୀଙ୍କ ମଧ୍ୟରେ ଭାରତୀୟଙ୍କ ସଂଖ୍ୟା ସର୍ବାଧିକ ଥିବା ଜଣାପଡିଛି । ଶ୍ରୀଲଙ୍କା ପର୍ଯ୍ୟଟନ ବିକାଶ ପ୍ରାଧିକରଣ ଦ୍ୱାରା ଜାରି କରାଯାଇଥିବା ସୂଚନା ଅନୁଯାୟୀ ଚଳିତବର୍ଷ ପ୍ରଥମ ୬ ମାସ ମଧ୍ୟରେ ୧ଲକ୍ଷ ୮୪ହଜାରରୁ ଅଧିକ ଭାରତୀୟ ପର୍ଯ୍ୟଟକ ଶ୍ରୀଲଙ୍କା ଗସ୍ତ କରିଛନ୍ତି । ଗତ ଜୁନ୍ ମାସରେ ଶ୍ରୀଲଙ୍କାରେ ୧ଲକ୍ଷ ୧୩ହଜାରରୁ ଅଧିକ ପର୍ଯ୍ୟଟକ ପହଞ୍ଚିଥିଲେ । ଏହା ଗତବର୍ଷ ତୁଳନାରେ ଅଧିକ ବୋଲି ଜଣାପଡିଛି । ସେହି ପର୍ଯ୍ୟଟକମାନଙ୍କ ମଧ୍ୟରେ ୨୮ହଜାରରୁ ଅଧିକ ଭାରତୀୟ ଥିବା ପ୍ରାଧିକରଣ ସୂଚନା ଦେଇଛି । ଗତ ଶନିବାର ଦିନ ଶ୍ରୀଲଙ୍କା ପର୍ଯ୍ୟଟନ ପ୍ରାଧିକରଣ ପକ୍ଷରୁ ୧୦ଲକ୍ଷତମ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଥିଲା । ସୂଚନା ଅନୁଯାୟୀ ଗତବର୍ଷ ଏହିସମୟ ତୁଳନାରେ ଚଳିତବର୍ଷ ୬୨ପ୍ରତିଶତ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି ।

## ଇଣ୍ଡୋନେସିଆ-ଫିଲ୍ମ ଫେଷ୍ଟିଭାଲ

ଇଣ୍ଡୋନେସିଆ ଏବଂ ଏନ୍.ଏଫ୍.ଡି.ସି ଚଳଚ୍ଚିତ୍ର ମହୋତ୍ସବ ମୁମ୍ବାଇସ୍ଥିତ ଭାରତୀୟ ସିନେମା ସଂଗ୍ରହାଳୟଠାରେ ଗତକାଲି ଆରମ୍ଭ ହେଉଛି । ସିନେମା ପ୍ରେମୀଙ୍କ ପାଇଁ ଏହି ୬ ଦିବସୀୟ ଉତ୍ସବ ଚଳିତମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଷ୍ଟ୍ରୀୟ ଫିଲ୍ମ ଡିଭିଜନ କର୍ପୋରେସନ ଦ୍ୱାରା ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବର ଏହା ତୃତୀୟ ସଂସ୍କରଣ ଅଟେ । ଏହା ମାଧ୍ୟମରେ ଭାରତ ଏବଂ ଇଣ୍ଡୋନେସିଆ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନକୁ ଗୁରୁତ୍ୱ ଦିଆଯାଇଥାଏ । ଗତକାଲି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅକ୍ଷତ ଅଜୟ ଶର୍ମା ଯୋଗ ଦେଇଥିଲେ । ଶ୍ରୀ ଶର୍ମା ମେଜର, ରାଧେଶ୍ୟାମ, ଏକେ ଭର୍ସେସ୍ ଏକେରେ କାର୍ଯ୍ୟ କରିଥିବାବେଳେ କେତେକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି । ମହୋତ୍ସବର ପ୍ରଥମ ଦିନରେ କେତେକ ଇଣ୍ଡୋନେସିଆ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

## ଅମରନାଥ ଯାତ୍ରା

ପବିତ୍ର ଅମରନାଥ ଯାତ୍ରା ପାଇଁ ଆଜି ୬ହଜାର ୫ଶହ ୩୭ଜଣ ଶ୍ରଦ୍ଧାଳୁ ଯାତ୍ରା ଆରମ୍ଭ କରିଛନ୍ତି । ସେମାନେ ଜାମ୍ମୁର ଭଗବତୀ ନଗର ଯାତ୍ରୀନିବାସ ମୂଳ ଶିବିରରୁ କାଶ୍ମୀର ଘାଟୀକୁ ଯାତ୍ରା ଆରମ୍ଭ କରିଥିବା ସୂଚନା ମିଳିଛି । ଆଜି ସକାଳୁ ୨୬୧ଟି ଦଳରେ ଶ୍ରଦ୍ଧାଳୁମାନେ ଯାତ୍ରା

କରିଥିବାବେଳେ ସେମାନଙ୍କ ମଧ୍ୟରେ ୫ହଜାର ୯୧ଜଣ ପୁରୁଷ, ୧ହଜାର ୧୦୨ଜଣ ମହିଳା, ୧୯ଜଣ ଶିଶୁ, ୩୦୧ଜଣ ସାଧୁ ଓ ୨୪ଜଣ ସାଧ୍ୱୀ ଅଛନ୍ତି ।

## ସୁଦାନ

ସୁଦାନର ଅଲ୍‌ଫସରରେ ଆକ୍ରମଣରେ ୯ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୧୧ଜଣଆହତ ହୋଇଛନ୍ତି । ର୍‍ୟାପିଡ୍ ସପୋର୍ଟ୍ ଫୋର୍ସର ଏକ ଡ୍ରୋନ୍ ସହାୟତାରେ ଅଲ୍ ହିଜ୍‌ରା ମସ୍‌ଜିଦ୍ ଉପରେ ଆକ୍ରମଣ କରାଯାଇଥିବା ସୂଚନା ମିଳିଛି । ସେଠାକାର ଏକ ସମ୍ବାଦ ପୋର୍ଟାଲ ଅନୁଯାୟୀ ସେହି ମସ୍‌ଜିଦ୍‌ରେ ବିସ୍ଥାପିତ ହୋଇଥିବା ପିଲାମାନଙ୍କୁ ଖାଦ୍ୟ ଉପଲବ୍ଧ କରାଇବା ପାଇଁ ବ୍ୟବସ୍ଥା ହେଉଥିଲା । ସୁଦାନରେ ଗତ ମେ' ୧୦ତାରିଖ ପରେ ଏହା ସବୁଠାରୁ ଆକ୍ରମଣ । ଗତବର୍ଷଠାରୁ ଆରମ୍ଭ ହୋଇଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ସୁଦାନରେ ୧୬ହଜାର ୬୫୦ଜଣଙ୍କ ମୃତ୍ୟୁ ହୋଇଛି ।

## ଇଣ୍ଡିଆ-ପାକ୍ ପ୍ରିଜିନର୍ସ

ଭାରତ ଏବଂ ପାକିସ୍ତାନ ଉଭୟ ଦେଶର ଜେଲ୍‌ରେ ଥିବା ନାଗରିକ ଏବଂ ମତ୍ସ୍ୟଜୀବୀମାନଙ୍କ ସୂଚନା ଆଦାନ ପ୍ରଦାନ କରିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଭାରତ ପାକିସ୍ତାନର ୩୬୬ ଜଣ ନାଗରିକ ଓ ୮୬ ଜଣ ମତ୍ସ୍ୟଜୀବୀଙ୍କ ତାଲିକା ପ୍ରଦାନ କରିଛି । ପାକିସ୍ତାନ ପକ୍ଷରୁ ଭାରତର ୪୩ ଜଣ ନାଗରିକ ଓ ୨୧୧ ଜଣ ମତ୍ସ୍ୟଜୀବୀଙ୍କ ନାମ

ତାଲିକା  ମିଳିଛି । ୨୦୦୮ ମସିହାରେ ଦ୍ୱିପାକ୍ଷିକ ବୁଝାମଣା ଅନୁଯାୟୀ ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ପହିଲାରେ ଉଭୟ ଦେଶ ଏହି ତାଲିକା ଆଦାନ ପ୍ରଦାନ କରିଥା'ନ୍ତି ।

## କୋର୍ଟ - ପାଟ୍‌କର

ଦିଲ୍ଲୀର ଏକ ଅଦାଲତ ସମାଜସେବୀ ମେଧା ପାଟକରଙ୍କୁ ୫ ମାସର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଦିଲ୍ଲୀର ବର୍ତ୍ତମାନର ଉପରାଜ୍ୟପାଳ ବିନୟ କୁମାର ସାକ୍‌ସେନାଙ୍କ ଦ୍ୱାରା ବହୁ ପୂର୍ବରୁ ରୁଜୁ ହୋଇଥିବା ଏକ ଅପରାଧିକ ମାମଲାର ବିଚାର କରି ଅଦାଲତ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଗତ ମଇ ୨୫ ତାରିଖରେ ସାକେତ କୋର୍ଟ ସୁଶ୍ରୀ ପାଟ୍‌କରଙ୍କୁ ଭାରତୀୟ ଦଣ୍ଡବିଧି ସଂହିତା ଧାରା ୫୦୦ ଅନୁଯାୟୀ ଅପରାଧିକ ମାନହାନି  ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ । ୨୦୦୧ ମସିହାରେ ସୁଶ୍ରୀ ପାଟ୍‌କର୍ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଶ୍ରୀ ସକ୍‌ସେନାଙ୍କୁ ବଦନାମ କରିଥିବା ଅଭିଯୋଗ ହୋଇଥିଲା ।

## ଇଣ୍ଡିଆ-ଜିମ୍ବାୱେ ଟି-୨୦

୫ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ଶୃଙ୍ଖଳାରେ ଖେଳିବା ପାଇଁ ଭାରତୀୟ କ୍ରିକେଟ୍ ଟିମ୍ ଜିମ୍ବାୱେ ଗସ୍ତ କରିବ । ଚଳିତମାସ ୬ରୁ ୧୪ ମଧ୍ୟରେ ଏହି ମ୍ୟାଚ୍‌ଗୁଡ଼ିକ ହରାରେ ସ୍ପୋର୍ଟ୍‌ସ କ୍ଲବରେ ଅନୁଷ୍ଠିତ ହେବ । ଏଥିପାଇଁ ଜିମ୍ବାୱେ ତା'ର ଟିମ୍ ସଦସ୍ୟଙ୍କ ନାମ ଘୋଷଣା କରିଛି । ଟିମ୍‌ର

ବରିଷ୍ଠ ଖେଳାଳି ବ୍ୟାଟ୍ସମ୍ୟାନ୍ ସିକନ୍ଦର ରାଜା ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ।

ଏହି ଶୃଙ୍ଖଳା ଖେଳିବାଲାଗି ଭାରତ ପକ୍ଷରୁ ୧୫ଜଣିଆ ଖେଳାଳି ତାଲିକା ଘୋଷଣା କରାଯାଇଛି । ଏହି ଶୃଙ୍ଖଳାରେ ଶୁଭମନ ଗିଲ୍ ଅଧିନାୟକ ଦାୟିତ୍ୱ ତୁଲାଉଥିବାବେଳେ ଧ୍ରୁବ୍ ଜୁରେଲ, ରିଆନ ପରାଗ, ଓ୍ୱାଶିଂଟନ୍ ସୁନ୍ଦର ଏବଂ ରବି ବିଷ୍ଣୋଇ ଦଳରେ ସାମିଲ ହୋଇଛନ୍ତି । ବିସିସିଆଇ ସଚିବ ଜୟ ଶାହା କହିଛନ୍ତି ଭିଭିଏସ୍ ଲକ୍ଷ୍ମଣ ଟିମ୍ ଇଣ୍ଡିଆ ସହିତ ଜିମ୍ବାଓ୍ୱେ ଗସ୍ତ କରିବେ; କିନ୍ତୁ ଶ୍ରୀଲଙ୍କା ଶୃଙ୍ଖଳାରୁ ନୂଆ କୋଚ୍ ଦଳସହିତ ରହିବେ ।